## ସଂକ୍ଷେପରେ

### ସରକାରୀ ଜିପ୍ ଧକ୍କାରେ ଜଣେ ଗୁରୁତର

**ଢେଙ୍କାନାଳ ଅଫିସ, ୨୯।୧୦:** ଢେଙ୍କାନାଳ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟର ଜିପ୍ ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ସଦର ଥାନା ସପ୍ତଶଯ୍ୟା ଗ୍ରାମର ଦାଶରଥି ପ୍ରଧାନ (୪୫)। ମଙ୍ଗଳବାର ରାତି ପ୍ରାୟ ୮ଟାରେ ଦାଶରଥି ବାଇକ୍‌ରେ ଢେଙ୍କାନାଳରୁ ଘରକୁ ଫେରୁଥିଲେ। ମହିଷାପାଟ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଆରଟିଓଙ୍କ କାର୍ଯ୍ୟାଳୟର ଜିପ୍ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ମନସ୍ତତ୍ତ୍ୱ ବିଭାଗ ପାଠଚକ୍ର

**ଢେଙ୍କାନାଳ ଅଫିସ, ୨୯।୧୦:** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମନସ୍ତତ୍ତ୍ୱ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ଡ. ରଶ୍ମି ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗ ପ୍ରଫେସର ଡ. ଅନ୍ନପୂର୍ଣ୍ଣା ପାଣ୍ଡେ ଯୋଗଦେଇ ବିଶ୍ୱସ୍ତରରେ ନାରୀଙ୍କ ନେତୃତ୍ୱ ନେବାରେ ଦକ୍ଷତା, ଭାରତୀୟ ନାରୀଙ୍କ ସମ୍ମୁଖରେ ଥିବା ଚ୍ୟାଲେଞ୍ଜ, ସମ୍ଭାବନା ଏବଂ ଏହାର ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷା ଡ. ବିନିତା ଆଚାର୍ଯ୍ୟ ଅତିଥି ଭାବେ ଉପସ୍ଥିତ ଥିବାବେଳେ ଅଧାପିକା ସ୍ନେହପ୍ରଭା ସାହୁ ଧନ୍ୟବାଦ ଦେଇଥିଲେ। ବିଭାଗର ଛାତ୍ରୀଛାତ୍ରମାନେ ଆଲୋଚନା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ମଦ ଜବତ, ଜଣେ ଗିରଫ

**ଢେଙ୍କାନାଳ ଅଫିସ, ୨୯।୧୦:** ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ନିତ୍ୟାନନ୍ଦପୁର ଅଞ୍ଚଳରୁ ମଙ୍ଗଳବାର ସ୍ଥାନୀୟ ପୋଲିସ ୩୦ ଲିଟର ଦେଶୀମଦ ସହ ଏକ ବାଇକ୍ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ରଞ୍ଜନ ମଲ୍ଲିକଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୮୭/୧୯ରେ ମାମଲା ରୁଜୁ ହୋଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

### ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

**ଅନୁଗୋଳ ଅଫିସ,୨୯।୧୦** ଅନୁଗୋଳସ୍ଥିତ ସୌଭାଗ୍ୟନଗରେ ଭଡ଼ାରେ ରହୁଥିବା ଦୁର୍ଯ୍ୟୋଧନ ସାହୁଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ଝରକା ତାଡ଼ି ଲକ୍ଷାଧିକ ଟଙ୍କାର ଅଳଙ୍କାର ନେଇଯାଇଛନ୍ତି। ଏ ନେଇ ଦୁର୍ଯ୍ୟୋଧନ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ୧୫୦ ଗ୍ରାମର ସୁନା ଅଳଙ୍କାର ଚୋରି କରି ନେବା ସହ ନଗଦ ୧୫ ହଜାର ଟଙ୍କା ମଧ ନେଇଯାଇଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ■ଯୁବ ରେଡ୍‌କ୍ରସ୍ ଶିବିର ଉଦ୍‌ଘାଟିତ

# ମାନବିକତାର ମହାନ୍ ମନ୍ତ୍ର ରେଡ୍‌କ୍ରସ୍‌ର ପ୍ରାଣଶକ୍ତି

**ଢେଙ୍କାନାଳ ଅଫିସ, ୨୯।୧୦**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ୩ଦିନିଆ ଯୁବ ରେଡ୍‌କ୍ରସ୍ ଶିବିର। ଏଥିରେ ଜିଲାର ୩୦ ମହାବିଦ୍ୟାଳୟରୁ ୧୬୦ଜଣ ସ୍ୱେଚ୍ଛାସେବୀ ଏବଂ ପରାମର୍ଶଦାତା ଯୋଗଦେଇଛନ୍ତି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ପାରସ୍ପରିକ ସହଭାଗିତାରେ ମଣିଷ ଜୀବନରେ ଆଶା ଓ ଆନନ୍ଦର ଫୁଲ ଫୁଟିଥାଏ। ମୈତ୍ରୀ, କରୁଣା, ସେବା ଓ ସହଯୋଗ ମାଧ୍ୟମରେ ସମାଜରୁ ସମସ୍ୟାକୁ ହଟାଯାଇପାରିବ। ଛୋଟବଡ଼ ସବୁପ୍ରକାର ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ରେଡ୍‌କ୍ରସ୍ ଯେଉଁ ଆଦର୍ଶ ସୃଷ୍ଟି କରିଛି ତାହା ମୂଳରେ ରହିଛି ଭ୍ରାତୃତ୍ୱ ଭାବନା ଓ ମାନବିକତାର ମହାନ ମନ୍ତ୍ର, ଯାହା କି ରେଡ୍‌କ୍ରସ୍‌ର ପ୍ରାଣଶକ୍ତି ବୋଲି ଜିଲାପାଳ କହିଥିଲେ।



ଯୁବ ରେଡକ୍ରସ ଶିବିର ଉଦ୍‌ଘାଟନ ଦିବସ।

ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ରଶ୍ମି ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି, ଡା. ବିଷ୍ଣୁଚରଣ ଦାସ ଉପସ୍ଥିତ ଥିଲେ। ରସାୟନ ବିଜ୍ଞାନ ମୁଖ୍ୟ ଡ. ଦେବାଶିଷ ମହାନ୍ତି, ଶିବିର ପରିଚାଳକ ପୂର୍ଣ୍ଣଚନ୍ଦ୍ର ବରାଳ, ଭୂପେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ପ୍ରଶିକ୍ଷଣ ଅଧିବେଶନରେ ଜିଲା ବିପର୍ଯ୍ୟୟ ପ୍ରଶମନ ପ୍ରତିନିଧି ନିମାଇଁ ଚରଣ ଦାସ, ସମିତା ଶତପଥୀ, ଡ. ଦେବାଶିଷ ମହାନ୍ତି ଉପସ୍ଥିତ ରହି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା, ଏଡ୍‌ସ ସଚେତନତା ଏବଂ ରେଡ୍‌କ୍ରସ୍‌ର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଅଦ୍ୱୈତ ସାହୁ, ଆଦିତ୍ୟ ବେହେରା, ବିପିନ ସେଠୀ, ରାଧାକୃଷ୍ଣ ପୋଥାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଗଣ୍ଡଗୋଳ, ୨ ଗିରଫ

**କଣିହାଁ,୨୯।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗଳି ଥାନା ପୋଲିସ ଗଣ୍ଡଗୋଳ ମାମଲାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିରଞ୍ଜନ ଦେହୁରୀ ଏବଂ ବୁଦ୍ଧ ଦେହୁରୀ।

ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି, ବାଲିପଶି ପଞ୍ଚାୟତ ନାକିଚିଦେଉଳ ଗ୍ରାମରେ ଘରବାରି ସମସ୍ୟା ଓ ଆବାସ ଗୃହ ନିର୍ମାଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗ୍ରାମର ନିର୍ମଳ ବେହେରାଙ୍କ ଦଖଲରେ ଥିବା ସରକାରୀ ଜାଗା ଉପରେ ନିରଞ୍ଜନ ଏବଂ ବୁଦ୍ଧ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ପ୍ରାରମ୍ଭିକ କାର୍ଯ୍ୟ କରିଥିଲେ। ଏହାକୁ ନିର୍ମଳ ବିରୋଧ କରିବାରୁ ଗଣ୍ଡଗୋଳ ହୋଇଥିଲା। ସୋମବାର ନିର୍ମଳଙ୍କ ସ୍ତ୍ରୀ ଗେଲି ବେହେରା ଥାନାରେ କରିଥିବା ଅଭିଯୋଗକୁ ନେଇ ନଂ. ୧୩୨/୧୯ରେ ମାମଲା ରୁଜୁ ହୋଇଥିଲା।

# କାରଖାନା କର୍ମଚାରୀଙ୍କ ଠାରୁ ୧୮ ଲକ୍ଷ ଲୁଟ୍

**ଖୁଣ୍ଟୁଣୀ,୨୯।୧୦(ଡି.ଏନ୍.ଏ.)**

କଟକ ଜିଲା ଖୁଣ୍ଟୁଣୀ ଥାନାଠାରୁ ୨୦୦ମିଟର ଦୂର ୫୫ନଂ. ଜାତୀୟ ରାଜପଥ ଓଭରବ୍ରିଜରୁ ମଙ୍ଗଳବାର ସନ୍ତୋଷ ରାୟ ନାମକ ଜଣେ କାରଖାନା କର୍ମଚାରୀଙ୍କ ପାଖରୁ ୧୮ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଏନେଇ ରାୟଙ୍କ ଅଭିଯୋଗକ୍ରମେ ଖୁଣ୍ଟୁଣୀ ପୋଲିସ ଏକ ମାମଲା(ନଂ.୧୩୮/୧୯)ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ସନ୍ତୋଷ ଭୁବନେଶ୍ୱରର ଏକ ଘରୋଇ କାରଖାନାରେ କାର୍ଯ୍ୟ କରନ୍ତି। ସେ ଢେଙ୍କାନାଳ ଜିଲା କାଇମାଟି ଅଞ୍ଚଳରୁ ଟଙ୍କା ଅଦାୟ କରି ବାଇକ୍‌ରେ ୧୮ଲକ୍ଷ ଟଙ୍କା ନେଇ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ୪ଜଣ ଦୁର୍ବୃତ୍ତ ଦୁଇ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇବା ସହ ମୋବାଇଲ ଫୋନ ଓ ୧୮ଲକ୍ଷ ଟଙ୍କା ଥିବା ବ୍ୟାଗକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏଥିଯୋଗୁ ସନ୍ତୋଷ ଦୁଃଖ ଓ ଚିନ୍ତାରେ କଣ୍ଟାବନ୍ଧ ଛକରେ ଦୀର୍ଘ ସମୟ ଧରି ବସି ରହିଥିଲେ। ଅପରାହ୍ନ ୧ଟାରେ ଖବର ପାଇ ଖୁଣ୍ଟୁଣୀ ପୋଲିସ ପହଞ୍ଚି ତାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ସେ ଘଟଣା ସମ୍ପର୍କରେ କହିବା ସହ ଏତଲା ଦେଇଥିଲେ। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ କହିଛନ୍ତି। ସୂଚନାଯୋଗ୍ୟ, ଗତ ଦୁଇ ମାସ ମଧ୍ୟରେ ଗୁରୁଡିଝାଟିଆ ଥାନା ଅଞ୍ଚଳରୁ ଜଣେ ଡାକ୍ତରଙ୍କ ଠାରୁ ୫୦ଲକ୍ଷ ଟଙ୍କା ଓ ଜଣେ ମହିଳାଙ୍କଠାରୁ ସୁନାହାର ଲୁଟ୍ ହୋଇଥିଲା। ସେହିପରି ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାଶ୍ୟାମପୁର ନିକଟରୁ ଜଣେ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କ ଠାରୁ ୩୪ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା।

## ଫଟୋରେ ଖବର




ଢେଙ୍କାନାଳ ଲକ୍ଷ୍ମୀପୂଜା ପରେ ରାସ୍ତାରେ ପଡ଼ିଥିବା ଲୁହାକଣ୍ଟାକୁ ରୋଟାରି କ୍ଲବ୍ ପକ୍ଷରୁ ସଫେଇ କରାଯାଉଛି।

# ଦୁର୍ନୀତି ନିବାରଣ ଶପଥ ପାଠ



ଜିଲା କାର୍ଯ୍ୟାଳୟର କର୍ମଚାରୀମାନେ ଶପଥ ନେଉଛନ୍ତି।

**ଅନୁଗୋଳ ଅଫିସ, ୨୯।୧୦**

ସମାଜର ପ୍ରତ୍ୟେକ ସ୍ତରରୁ ଦୁର୍ନୀତିର ମୂଳୋତ୍ପାଟନ କରି ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସୋମବାର ଠାରୁ ଆସନ୍ତା ମାସ ୨ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି। ପ୍ରଥମ ଦିବସରେ ଜିଲା କାର୍ଯ୍ୟାଳୟ ବାରଣ୍ଡାରେ ଆୟୋଜିତ ଏକ ଶପଥପାଠ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଯୋଗଦେଇ ଉପସ୍ଥିତ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଡେପୁଟି କଲେକ୍ଟର ବୈତ୍ରୁରା ଦୀପ୍‌ଙ୍କ ସମେତ ଜିଲା କାର୍ଯ୍ୟାଳୟ, ଅନୁଗୋଳ ଉପଜିଲାପାଳ କାର୍ଯ୍ୟାଳୟ ଓ ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀମାନେ ଏହି ଶପଥ ପାଠ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୟୁଏସ୍‌ଏ କନ୍‌ସଲ୍ ଜେନେରାଲ

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଙ୍ଗଳବାର ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ)ର ବାଣିଜ୍ୟ ଦୂତ (କନ୍‌ସଲ୍ ଜେନେରାଲ୍) ଜୋଏଲ୍ ରେଫ୍‌ମ୍ୟାନ୍ ଲୋକସେବା ଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ରାଜ୍ୟର ଅର୍ଥନୀତି, ଦ୍ୱିପାକ୍ଷିକ ସମ୍ପର୍କ, ଗ୍ରାମୀଣ ଅର୍ଥନୀତି, କୃଷି ଏବଂ କୃଷକଙ୍କ ସାମାଜିକ ଅର୍ଥନୈତିକ ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ନିୟମିତ ବ୍ୟବଧାନରେ ଓଡ଼ିଶା ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ରାଜ୍ୟ ପ୍ରଶାସନ ଏହାର ସଫଳ ମୁକାବିଲା କରୁଥିବାରୁ କନ୍‌ସଲ୍ ଜେନେରାଲ ସରକାରଙ୍କୁ ପ୍ରଶଂସା କରିଥିଲେ। ସେହିଭଳି ମଙ୍ଗଳବାର ପୂର୍ବାହ୍ନରେ କନ୍‌ସଲ୍ ଜେନେରାଲ ମିଲ୍କ ମନ୍ତ୍ର ଫାର୍ମ ହାଉସ ଗସ୍ତ କରିଥିଲେ। ସେଠାରେ ଗୋପାଳନ, ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ଉତ୍ପାଦନ/ପ୍ରକ୍ରିୟାକରଣ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଜୋଏଲ କହିଥିଲେ ଯେ, ମିଲ୍କ ମନ୍ତ୍ର ଦ୍ୱାରା କରାଯାଇଥିବା ବ୍ୟବସ୍ଥା ପ୍ରଶଂସନୀୟ। ଏହା ଦ୍ୱାରା କୃଷକଙ୍କ ଅର୍ଥନୈତିକ ଉନ୍ନତି ହୋଇପାରିବ। ସେମାନେ ଅର୍ଥ ଉପାର୍ଜନ କରିବା ସହ ନିଜର ଆର୍ଥିକ ସ୍ଥିତି ଉନ୍ନତି କରିପାରିବେ। ଓଡ଼ିଶାର ଗ୍ରାମୀଣ ଅର୍ଥନୀତି ଆଗକୁ ଆହୁରି ବିକାଶ କରିବ ବୋଲି କନ୍‌ସଲ୍ ଜେନେରାଲ କହିଛନ୍ତି।

# ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ

**କାମାକ୍ଷାନଗର, ୨୯।୧୦(ଡି.ଏନ୍.ଏ.)**

ପଠାଣି ସାମନ୍ତ ପ୍ଲାନେଟୋରିୟମ ଏବଂ ଟାଟାଷ୍ଟିଲ୍‌ର ମିଳିତ ସହଯୋଗରେ ମଙ୍ଗଳବାର କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତିରାଜ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ। ଏହି ଅବସରରେ ମହାକାଶ ଜ୍ଞାନ ସମ୍ବନ୍ଧୀୟ ଓପନ୍ କୁଇଜ ପ୍ରତିଯୋଗିତା ଏବଂ 'ବ୍ରହ୍ମାଣ୍ଡର ବିସ୍ମୟ ଉନ୍ମୋଚନ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସ୍କୁଲର ଅଧିକାଂଶ ପିଲା କୁଇଜ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହିପରି ପ୍ରବନ୍ଧରେ ୯୬ଜଣ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତା ଜିଲାର ବିଭିନ୍ନ ବିଦ୍ୟାଳୟରେ ହେବ। ଶ୍ରେଷ୍ଠ ୨ଜଣ ପ୍ରତିଯୋଗୀ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।



ଟାଟାଷ୍ଟିଲ୍‌ର ଟିମ୍ ଲିଡର ଭାଗ୍ୟଶ୍ରୀ ବେଉରା, ସହଯୋଗୀ ପ୍ରବୀଣ କୁମାର ସାହୁ, ଇନ୍ଦ୍ରମଣି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲୋକନାଥ ଷଡ଼ଙ୍ଗୀ, ଚିତ୍ତରଞ୍ଜନ ବିଶ୍ୱାଳ, ବିଜ୍ଞାନ ଶିକ୍ଷକ ଡା. ଚନ୍ଦ୍ରମଣି ଲେଙ୍କା, ଧ୍ରୁବଚରଣ ସୁନ୍ଦରାୟ, କମ୍ପ୍ୟୁଟର ଶିକ୍ଷକ ସମରେନ୍ଦ୍ର ନାୟକ, ଶିକ୍ଷକ ସୁରେଶ ବିଶ୍ୱାଳ, ନିରଞ୍ଜନ ସାହୁ, କବିତା ରାଉତ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରାଇଥିଲେ।

# ୬ ଶ୍ରମିକଙ୍କୁ ହତ୍ୟା କଲେ ଆତଙ୍କବାଦୀ

**ଶ୍ରୀନଗର,୨୯।୧୦(ପି.ଟି.)**

ୟୁରୋପୀୟ ସଂଘ(ଇୟୁ)ର ୨୩ ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ଜମ୍ମୁ-କଶ୍ମୀର ଗସ୍ତ କରିଥିବାବେଳେ ଆତଙ୍କବାଦୀମାନେ କୁଲଗାମ ଜିଲାରେ ରକ୍ତର ହୋଲି ଖେଳିଛନ୍ତି। ସେମାନେ କତ୍ରାସୁ ଗ୍ରାମରେ ପଶ୍ଚିମବଙ୍ଗର ୬ ଶ୍ରମିକଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ସୁରକ୍ଷା ବଳ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଇଛି।

ମୃତକ ହେଲେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲାର ଶେଖ୍ କମ୍‌ରୁଦ୍ଦିନ, ଶେଖ୍ ମହମ୍ମଦ ରଫିକ୍, ଶେଖ୍ ମୁର୍ନସୁଲିନ୍, ଶେଖ୍ ନିଜାମୁଦ୍ଦିନ, ମହମ୍ମଦ ରଫିକ୍ ଶେଖ୍ ଓ ହଜୁର ଉଦ୍ଦିନ। ଏମାନେ ଏଠାରେ ରାଜମିସ୍ତ୍ରୀ ଓ କାର୍ପେଣ୍ଟର ଭାବେ କାମ କରୁଥିଲେ। ଆତଙ୍କବାଦୀମାନେ ସେମାନଙ୍କୁ ବାହାରକୁ ନେଇ ଗୁଳି କରିଥିଲେ। ଗୁଳିମାଡ଼ରେ ଘଟଣାସ୍ଥଳରେ ୫ ନିହତ ହୋଇଥିବାବେଳେ ହଜୁର ଉଦ୍ଦିନଙ୍କୁ ହସ୍ପିଟାଲକୁ ନେବାବେଳେ ତାଙ୍କର ମୃତ୍ୟୁ ଘଟିଛି। ଆଉ କେତେଜଣ ଶ୍ରମିକ ନିଖୋଜ ଥିବା କୁହାଯାଉଛି। ଅଗଷ୍ଟ ୫ରେ କେନ୍ଦ୍ର ସରକାର ଅନୁଚ୍ଛେଦ ୩୭୦କୁ ହଟାଇବା ପରଠୁ ଆତଙ୍କବାଦୀମାନେ ବାହାର ରାଜ୍ୟର ଶ୍ରମିକମାନଙ୍କୁ ଟାର୍ଗେଟ କରୁଛନ୍ତି।

# ୮ ବିସ୍ଥାପିତ ଗ୍ରାମବାସୀଙ୍କୁ ନେଇ ବୈଠକ



**ବଇଣ୍ଡା,୨୯।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବିଲେଇନାଳୀ ପଞ୍ଚାୟତ ଧଉରାଗୋଠରେ ହେବାକୁ ଥିବା ଜଳସେଚନ ପ୍ରକଳ୍ପ ପାଇଁ ସରକାର ଓ ପ୍ରଶାସନ ଅଣ୍ଟା ଭିଡ଼ିଥିବାବେଳେ ବିସ୍ଥାପିତଙ୍କୁ ନେଇ ଏବେ ସମସ୍ୟା ଦେଖାଦେଇଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଉ ବୋଲି ଅନେକ ଗ୍ରାମବାସୀ ଚାହୁଁଛନ୍ତି। ତେବେ କ୍ଷତିଗ୍ରସ୍ତ ହେବାକୁ ଥିବା ୮ ଗ୍ରାମର ବାସିନ୍ଦା ପ୍ରକଳ୍ପକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ଏ ନେଇ ରବିବାର ଡଙ୍ଗାଧର ପ୍ରାଥମିକ ବିଦ୍ୟାଳୟ ପରିସରରେ ପେଡ଼ିପଥର, ଝାରବଇଣ୍ଡା, ଲୁହାମୁଣ୍ଡା, ବଣିନାଳୀ, ଅର୍ଜ୍ଜୁନଧରା, ଭୋଜିଗୋଠ, ସୋଲଣ୍ଡା, ଡଙ୍ଗାଧରର ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ବସିଥିଲା। କମିଟିର ସ୍ଥାୟୀ ସଭାପତି ପୀତବାସ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଲେଇନାଳୀ ସରପଞ୍ଚ ନବକିଶୋର ସାହୁ, ଗାଁ ବଇଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରମୋଦ ସାହୁ, ରବିନାରାୟଣ ପ୍ରଧାନ, ରମାକାନ୍ତ ସାହୁ, ସୁଶାନ୍ତ ପ୍ରଧାନ, ତରଣୀସେନ ସାହୁ, ପବିତ୍ର ପ୍ରଧାନ, ରମେଶ ବେହେରା, ମାନସ ରଞ୍ଜନ ସାହୁ, ଅମିତ କୁମାର ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ।

ଧଉରାଗୋଠ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଉକ୍ତ ୮ ଗ୍ରାମ ବ୍ୟାପକ କ୍ଷୟକ୍ଷତି ହେବ। ଚାଷ ଜମି ପାଣିରେ ବୁଡ଼ିଯିବ। ଲୋକମାନେ ଜୀବିକା ହରାଇବେ। ଉକ୍ତ ଝରଣାକୁ ମଧ୍ୟମ ଜଳସେଚନ ପାଇଁ ଅନୁପଯୁକ୍ତ ବୋଲି ପୂର୍ବତନ ଜିଲାପାଳ ସମୀକ୍ଷା କରି ଅଞ୍ଚଳବାସୀଙ୍କୁ କହିଥିବାବେଳେ ବର୍ତ୍ତମାନ ବଡ଼ଧରଣର ପ୍ରକଳ୍ପ ନିର୍ମାଣ କରିବା ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି। ଏ ନେଇ ଅଞ୍ଚଳବାସୀଙ୍କ ମତାମତ ନେବା ପରେ ସରକାରୀସ୍ତରରେ ନିଷ୍ପତି ନିଆଯାଉ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ନଚେତ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

#### ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷା

### ଶ୍ରେଷ୍ଠ ୧୦ ମଧ୍ୟରେ ପରଜଙ୍ଗ କଲେଜର ୩

**ପରଜଙ୍ଗ, ୨୯।୧୦(ଡି.ଏନ.ଏ.)**

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ହୋଇଥିବା ସ୍ନାତକ ପରୀକ୍ଷାରେ ପରଜଙ୍ଗ କଲେଜର ୩ ଛାତ୍ରୀଛାତ୍ର ଶ୍ରେଷ୍ଠ ୧୦ ସ୍ଥାନରେ ରହିଛନ୍ତି। ଓଡ଼ିଆ (ସମ୍ମାନ) ବିଭାଗ ଛାତ୍ରୀ ଭାଗ୍ୟଶ୍ରୀ ସାହୁ ପ୍ରଥମ ସ୍ଥାନରେ ରହିଥିବାବେଳେ ଛାତ୍ର ମନୋରଞ୍ଜନ ବେହେରା ୪ର୍ଥ ସ୍ଥାନ ହାସଲ କରିଛନ୍ତି। ସେହିପରି ନୃତତ୍ତ୍ୱ ବିଭାଗ (ସମ୍ମାନ)ରେ ଛାତ୍ରୀ ରୋଜାଲିନ୍ ଭୂତିଆ ୧୦ମ ସ୍ଥାନ ଅଧିକାର କରି କଲେଜ ପାଇଁ ସୁନାମ ଆଣିଛନ୍ତି। କଲେଜ ଅଧକ୍ଷ ପ୍ରଫେସର ସନାତନ ସାମଲ, ଇଂଲିଶ ଅଧ୍ୟାପକ ପ୍ରବୋଧ କୁମାର ରଥ, ଅବସରପ୍ରାପ୍ତ ଡ. ଅଧକ୍ଷ ସୁନୀଲ କୁମାର ରଥଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ■ଆଇଆଇଏମ୍‌ସିରେ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ

# ମାଗଣା ସେବାରେ ସବୁ ସମସ୍ୟାର ସମାଧାନ ହେବନାହିଁ

**ଢେଙ୍କାନାଳ ଅଫିସ, ୨୯।୧୦**

ସମୃଦ୍ଧ ଦେଶ ଗଠନ କରିବାକୁ ହେଲେ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ମିଳିବା ଦରକାର। ଏଥି ଲାଗି ଉନ୍ନୟନ ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେବଳ ମାଗଣା ସେବା ଯୋଗାଇ ଦେଲେ ସବୁ ସମସ୍ୟାର ସମାଧାନ ହେବ ନାହିଁ। ଗରିବଙ୍କୁ ସୁହାଇଲା ଭଳି ଯୋଜନାର ଆବଶ୍ୟକତା ରହିଛି ବୋଲି କହିଛନ୍ତି କିଟ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ପ୍ରଫେସର ଏସ୍.ଏନ୍. ମିଶ୍ର। ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ମଙ୍ଗଳବାର ଉନ୍ନୟନ ଅର୍ଥନୀତି ଶୀର୍ଷକ ଉପରେ ଅନୁଷ୍ଠିତ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିଛନ୍ତି।

ଆଲୋଚନାରେ ଭାଗ ନେଇ ପ୍ରଫେସର ମିଶ୍ର ଆହୁରି ମଧ୍ୟ କହିଲେ, ଦେଶର ବିକାଶ ପାଇଁ ଅର୍ଥନୀତିର ୩ଟି ମୁଖ୍ୟ ଶାଖା ବିକାଶ, ଅଭିବୃଦ୍ଧି ଓ ପରିଚାଳନାକୁ ଗୁରୁତ୍ୱ ଦେବା ଉଚିତ। ଗରିବଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଭାରତରେ ଶିକ୍ଷାର ଗୁଣାତ୍ମକମାନ ବହୁତ ଖରାପ ରହିଛି। ଏଥିରେ ସୁଧାର ଲାଗି ଧ୍ୟାନ ଦେବାକୁ ହେବ। ସର୍ବେକ୍ଷଣ ବେଳେ ଠିକ୍ ତଥ୍ୟ ସଂଗ୍ରହ ପ୍ରତି ଦୃଷ୍ଟି ଦେବା ମଧ୍ୟ ସେତିକି ଆବଶ୍ୟକ ବୋଲି ସେ ମତ ରଖିଛନ୍ତି। ଏହି ଅବସରରେ ଆୟୋଜିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଭାଗନେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ସ୍ୱାଗତ ଭାଷଣ ଦେଇଥିଲେ।



ପ୍ରଫେସର ଏସ୍.ଏନ୍. ମିଶ୍ର ବକ୍ତବ୍ୟ ରଖୁଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ବୁଧବାର, ଅକ୍ଟୋବର ୩୦/୨୦୧୯ Dhenkanal, Wednesday , October 30 / 2019

## ସଂକ୍ଷେପରେ

### ବ୍ୟବସାୟୀଙ୍କ ପରଲୋକ

ବଇଣ୍ଡା,୨୯।୧୦(ଡି.ଏନ.ଏ.)- ଅନୁଗୋଳ ଜିଲା ଠାକୁରଗଡ଼ ଗ୍ରାମର ବ୍ୟବସାୟୀ ରମେଶ ଚନ୍ଦ୍ର ସାହୁ(୫୩)ଙ୍କ ସୋମବାର ହୃଦ୍‌ଘାତରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ଏହା ଜଣାପଡ଼ିବା ପରେ ଠାକୁରଗଡ଼ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର ବଜାର କମିଟି ପକ୍ଷରୁ ସଭାପତି ବିଶେଶ୍ୱର ରାଉତଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୨ ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ଦୋକାନ ବଜାର ବନ୍ଦ ରଖାଯାଇଥିଲା।

### ଷ୍ଟାଡିୟମ ସଫା କଲେ ଇଓ, ପୌର କର୍ମଚାରୀ



ଅନୁଗୋଳ ଅଫିସ, ୨୯।୧୦- ଅନୁଗୋଳ ପୌରପାଳିକା କର୍ମଚାରୀମାନେ ମଙ୍ଗଳବାର ଅନୁଗୋଳ ଷ୍ଟାଡିୟମ ପରିସରରେ ସଫେଇ କାର୍ଯ୍ୟ କରିଛନ୍ତି। ପୌରନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ସହ ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ମିଶ୍ର ଓ ଅନ୍ୟ ୨୦ ଜଣ କର୍ମଚାରୀ ସଫେଇ କାର୍ଯ୍ୟ କରିଥିଲେ। ପୌର ସଫେଇ କର୍ମଚାରୀ ଆନ୍ଦୋଳନରେ ଥିବାବେଳେ ସହର ସଫେଇ କରିବାକୁ ପୌର କର୍ମଚାରୀ ଝାଡୁ ଧରିଥିବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ପୌର କର୍ମଚାରୀଙ୍କ ସହ ଡିଏଲଆର ସଫେଇ କର୍ମଚାରୀ ମଧ ମଙ୍ଗଳବାର ସକାଳେ ସାମିଲ ହୋଇଥିବା ଜଣାପଡ଼ିଛି। ଅନ୍ୟକିଛି କର୍ମଚାରୀ ୫-ଟି ସଚିବଙ୍କ ଗସ୍ତ ପାଇଁ ମେଡିକାଲ ରାସ୍ତାରେ ଉଠା ଦୋକାନୀଙ୍କୁ ଉଠାଇବା ସହ ସଫେଇ ଉପରେ ଗୁରୁତ୍ୱ ଦେଇଥିବା ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି, ସହର ସଫେଇ କରିବାକୁ ଏପରି ପଦକ୍ଷେପ ପୌର କର୍ମଚାରୀ ଗ୍ରହଣ କରିଛନ୍ତି। ତେବେ କିଛି କିଛି ସ୍ଥାନରେ ପୌର କର୍ମଚାରୀ ପ୍ରତିଦିନ ସକାଳ ସମୟରେ ସଫେଇ କରିବେ ବୋଲି ସେ କହିଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୨୯।୧୦(ଡି.ଏନ.ଏ.)- ହଣ୍ଡପା ପୋଲିସ ସୋମବାର ରାତିରେ ଗାଁ ବଇଣ୍ଡା ଗ୍ରାମରେ ଚଢ଼ାଉ କରି ଫେରାର ଥିବା ଅଭିଯୁକ୍ତ ପ୍ରଦୀପ ସାହୁଙ୍କୁ ଗିରଫ କରିଛି। ସେ ଦୀର୍ଘଦିନ ହେଲା ଫେରାର ଥିବା ବେଳେ ଖବରପାଇ ହଣ୍ଡପା ଥାନା ଏଏସ୍‌ଆଇ କୁନି ବାରିକ ଚଢ଼ାଉ କରି ଗିରଫ କରିଥିଲେ। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

■ଅନୁଗୋଳ ମେଡିକାଲ ପରିଦର୍ଶନ କଲେ ୫-ଟି ସଚିବ

# ବାହାରୁ ମେଡିସିନ୍ କିଣାକୁ ନେଇ ଖପ୍ପା

ଅନୁଗୋଳ ଅଫିସ, ୨୯।୧୦

ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ କିପରି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ମଙ୍ଗଳବାର ତାହାର ଅନୁଧ୍ୟାନ କରିଛନ୍ତି ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ। ପୂର୍ବାହ୍ନ ୧୧ଟା ୫୦ରେ ସଚିବ ମେଡିକାଲରେ ପହଞ୍ଚି ପ୍ରଥମେ ଯକ୍ଷ୍ମା ୱାର୍ଡକୁ ଯାଇଥିଲେ। ଏଥିସହ ବିଭିନ୍ନ ୱାର୍ଡରେ ଚିକିତ୍ସିତ ହେଉଥିବା ୧୫ ଜଣ ରୋଗୀଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟସେବା ସମ୍ପର୍କରେ ବୁଝିଥିଲେ। ତେବେ ଜଣେ ରୋଗୀଙ୍କୁ ବାହାରୁ ମେଡିସିନ୍ ଆଣିବାକୁ କୁହାଯାଇଥିବାରୁ ୫-ଟି ସଚିବ ମେଡିକାଲ କର୍ତ୍ତୃପକ୍ଷଙ୍କ ଉପରେ ଖପ୍ପା ହୋଇଥିଲେ। କିନ୍ତୁ ମେଡିକାଲର ପରିମଳ ଓ ସୁବ୍ୟବସ୍ଥାକୁ ନେଇ ସଚିବ ସନ୍ତୋଷ ବ୍ୟକ୍ତ କରିବା ସହ ପରେ ଡାକ୍ତର ଓ ପଦାଧିକାରୀଙ୍କୁ ନେଇ ଏକ ବୈଠକ କରିଥିଲେ। ସଚିବଙ୍କ ସହ ଏନଏଚ୍‌ଏମ୍ ଡାଇରେକ୍ଟର ଶାଳିନ୍ ପଣ୍ଡିତ, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କେ.କେ. ମୀନା, ଡିଆଇଜି ନରସିଂହ ଭୋଳ, ଜିଲାପାଳ ମନୋଜ କୁମାର ମହାନ୍ତି, ଉପଜିଲାପାଳ ବାସୁଦେବ ଶତପଥୀ, ସିଡିଏମ୍‌ଓ ଡା. ଅମରେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



୫-ଟି ସଚିବ ଜଣେ ରୋଗୀଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି।

ଯକ୍ଷ୍ମା ୱାର୍ଡ ବୁଲିବା ପରେ ସଚିବ ପୁରୁଷ ମେଡିସିନ୍ ୱାର୍ଡ, ୬ ମହଲାରେ ଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁ ରୋଗ ଚିକିତ୍ସା ବିଭାଗ ଆଦି ପରିଦର୍ଶନ କରିଥିଲେ। ବାରଣ୍ଡାରେ ରୋଗୀ ଚିକିତ୍ସିତ ହେଉଥିବା ବେଳେ ମେଡିସିନ୍ ଓ ପେଡିଆଟିକ୍ସ ୱାର୍ଡରେ ଶଯ୍ୟା ସଂଖ୍ୟା କମ୍ ଥିବାରୁ ତାହାକୁ ବୃଦ୍ଧି କରିବାକୁ ସଚିବ ପ୍ରସ୍ତାବ ଦେଇଥିଲେ। ପୁରୁଷ ମେଡିସିନ୍ ୱାର୍ଡରେ ବାହାରୁ ମେଡିସିନ୍ କିଣା ହେବା ନେଇ ସିଡିଏମ୍‌ଓଙ୍କୁ ତାଗିଦ୍ କରିଥିଲେ। ତୁରନ୍ତ ସମ୍ପୃକ୍ତ ରୋଗୀଙ୍କୁ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସମ୍ମିଳନୀ କକ୍ଷରେ ମେଡିକାଲ କର୍ତ୍ତୃପକ୍ଷ, ଡାକ୍ତର, ମେଡିକାଲ ମ୍ୟାନେଜର, ଆରଆଣ୍ଡବି ନିର୍ବାହୀ ଯନ୍ତ୍ରୀ, ଜିଲା ପ୍ରଶାସନ ସହ ୫-ଟି ସଚିବ ବୈଠକ କରିଥିଲେ। ମେଡିକାଲର ଭିତ୍ତିଭୂମି ବିକାଶ ସହ ଶଯ୍ୟା ସଂଖ୍ୟା ୨ଶହ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ତଳ ମହଲାକୁ ଓପିଡି, ପ୍ରଥମ ମହଲାକୁ ନ୍ୟୁରୋ ଆଇସିୟୁ ସହିତ ଟ୍ରମା କେୟାର, ଦ୍ୱିତୀୟ ଓ ତୃତୀୟ ମହଲାକୁ ୨ଶହ ଶଯ୍ୟା ବିଶିଷ୍ଟ ୱାର୍ଡ କରିବାକୁ ବୈଠକରେ ଆଲୋଚନା କରିଥିଲେ। ଏହି ଅବସରରେ ଡାକ୍ତରଙ୍କ ସହ ଆଲୋଚନା କରି ବିଭିନ୍ନ ପରାମର୍ଶ ଦେଇଥିଲେ। କମ୍ପ୍ୟୁଟର ଟିକେଟ ପଞ୍ଜୀକରଣ ବ୍ୟବସ୍ଥା ନଭେମ୍ବର ୧ରୁ ଆରମ୍ଭ କରିବା, ବନ୍ଦ ପଡ଼ିଥିବା ଡିଜିଟାଲ ଏକ୍ସ-ରେ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜାତୀୟସ୍ତର ଅଧିସ୍ୱୀକୃତି(ଆକ୍ରିଡେସନ୍) ପ୍ରମାଣପତ୍ର କିପରି ହସ୍‌ପିଟାଲକୁ ମିଳିପାରିବ ସେ ନେଇ ସିଡିଏମ୍‌ଓଙ୍କୁ ପରାମର୍ଶ ଦେବା ସହ ପ୍ରତି ମାସରେ ସମୀକ୍ଷା କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନୁଗୋଳ ଜିଲାରୁ ସର୍ବାଧିକ ରାଜସ୍ୱ ମିଳୁଥିବାରୁ ମେଡିକାଲରେ ଟଙ୍କା ଖର୍ଚ୍ଚ କରିବାକୁ ସରକାର କୁଣ୍ଠାବୋଧ କରିବେ ନାହିଁ ବୋଲି ସଚିବ କହିଥିଲେ। ତେବେ ୫-ଟି ସଚିବ ଫେରିବା ସମୟରେ ଦୁଇ ଜଣ ବୟସ୍କା ମହିଳା ଏକ ଦାବିପତ୍ର ପ୍ରଦାନ କରିଥିଲେ।

■୧୫ ରୋଗୀଙ୍କ ସହ ଆଲୋଚନା କଲେ

■ବଢ଼ିବ ଶଯ୍ୟା ସଂଖ୍ୟା, ପରିମଳ ନେଇ ସନ୍ତୁଷ୍ଟ

■ଭଲ କାମ କରି ପୁରସ୍କାର ନେବାକୁ ଆହ୍ୱାନ

## ତହସିଲ ଆକାଉଣ୍ଟ ଯାଞ୍ଚ କଲେ ଜିଲାପାଳ

ଅନୁଗୋଳ ଅଫିସ, ୨୯।୧୦

ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ମଙ୍ଗଳବାର ସନ୍ଧ୍ୟାରେ ତହସିଲ କାର୍ଯ୍ୟାଳୟ ଗସ୍ତ କରିବା ସହ ଆକାଉଣ୍ଟ ଯାଞ୍ଚ କରିଥିଲେ। ଜିଲାପାଳଙ୍କ ସହ ଉପଜିଲାପାଳ ବାସୁଦେବ ଶତପଥୀ ଉପସ୍ଥିତ ଥିଲେ। ତହସିଲ କାର୍ଯ୍ୟାଳୟରେ ମୁଖ୍ୟତଃ ଜବରଦଖଲ ଉଚ୍ଛେଦ, ଜାତିଗତ ପ୍ରମାଣପତ୍ର, ମ୍ୟୁଟେସନ୍ ଖାତା ଆଦି ଜିଲାପାଳ ଯାଞ୍ଚ କରିଥିଲେ। ଏଥିସହ ରାଜସ୍ୱ ନିରୀକ୍ଷକମାନେ କରିଥିବା ଆୟ ଠିକ୍ ଭାବେ ଟ୍ରେଜେରି ଆକାଉଣ୍ଟରେ ଜମା କରିଛନ୍ତି କି ନାହିଁ ତାହାର ଅନୁଧ୍ୟାନ କରିଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ୯ ଜଣ ରାଜସ୍ୱ ନିରୀକ୍ଷକଙ୍କୁ ଡାକି ଜିଲାପାଳ ବର୍ଷତମାମ୍ ହୋଇଥିବା ଆୟ ସମ୍ପର୍କରେ ପଚାରି ବୁଝିଥିଲେ। ୨୦୧୮-୧୯ରେ ଅଢ଼େଇ ଶହରୁ ଊର୍ଦ୍ଧ୍ୱ ଘର ସରକାରୀ ଜାଗା ଅକ୍ତିଆର କରି ରଖିଥିଲେ ମଧ ତତ୍କାଳୀନ ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ କରି ନ ଥିବାରୁ ଜିଲାପାଳ ବିରକ୍ତ ହୋଇଥିଲେ। ଏଥିସହ ଚୋରା ବାଲି, ପଥର ଓ ମାଟି କାରବାର ହେଉଥିଲେ ମଧ କୌଣସି ଜରିମାନା ଆଦାୟ କରାଯାଇ ନ ଥିବା ଜଣାପଡ଼ିଛି। ଫଳରେ ଜିଲାପାଳ ତହସିଲ କାର୍ଯ୍ୟାଳୟ କର୍ମଚାରୀ ଓ ତତ୍କାଳୀନ ଅଧିକାରୀଙ୍କ ଉପରେ ଖପ୍ପା ହୋଇଥିଲେ। ଜିଲା ତଥା ଜିଲା ବାହାରୁ ବେଆଇନ ଭାବେ ବାଲି, ପଥର ଓ ମାଟି ଚୋରା କାରବାର ହେଉଥିଲେ ଅତିକମ୍‌ରେ ୨୫ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଯାଞ୍ଚ ସମୟରେ ଅତିରିକ୍ତ ତହସିଲଦାର ସୁଦର୍ଶନ ଗୁରୁ ଓ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଏଡିଏମ୍‌ଙ୍କ ଗାଡ଼ିକୁ ଧକ୍କା ଦେଲା ଟ୍ରକ୍

ଅନୁଗୋଳ ଅଫିସ, ୨୯।୧୦

ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ଗାଡ଼ିକୁ ମଙ୍ଗଳବାର ଏକ ଟ୍ରକ୍ ଧକ୍କା ଦେଇଛି। ତେବେ ଏଥିରେ କାହାରି କିଛି କ୍ଷୟକ୍ଷତି ହୋଇ ନାହିଁ। ପୋଲିସ ଟ୍ରକ୍‌କୁ ଜବତ କରି ଥାନାରେ ରଖିଥିବା ସୂଚନା ମିଳିଛି। ମଙ୍ଗଳବାର ଅପରାହ୍ନରେ ଏଡିଏମ୍ ଶତପଥୀ ଆବାସିକ ଘରକୁ ଆସୁଥିବା ସମୟରେ ଥାନା ଛକରେ ତାଙ୍କ କାରକୁ ଏକ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଟ୍ରାଫିକରେ ଛିଡ଼ା ହୋଇଥିବାବେଳେ ଏପରି ଘଟଣା ହୋଇଥିବାରୁ ତୁରନ୍ତ ପୋଲିସ ଟ୍ରକ୍ ଓ ଚାଳକଙ୍କୁ ଥାନାକୁ ନେଇ ଥିବା ଜଣାପଡ଼ିଛି। ଗତ ୬ ମାସରେ ଏପରି ଦୁଇଥର ଏଡିଏମ୍‌ଙ୍କ ଗାଡ଼ି ଦୁର୍ଘଟଗ୍ରସ୍ତ ହୋଇଥିବା ସୂଚନା ମିଳିଛି।

## ନଗର କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ



ନଗର କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ କୁଶପୁତ୍ତଳିକା ଦାହ କରୁଛନ୍ତି।

ଅନୁଗୋଳ ଅଫିସ, ୨୯।୧୦

ଅନୁଗୋଳ ନଗର କଂଗ୍ରେସ ପକ୍ଷରୁ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସଚିବ ମାତ୍ର ୩୦ ମିନିଟ ମୁଖ୍ୟ ଚିକିତ୍ସାଳୟରେ ରହି ଜିଲାର ସ୍ୱାସ୍ଥ୍ୟସେବା ତଦାରଖ କରିଦେବା ଏକ ମିଛ ନାଟକ ବୋଲି ଅନୁଗୋଳ ନଗର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ନଗର କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଅନୁଗୋଳ ସହରରେ ଉପୁଜୁଥିବା ଭିନ୍ନ ଭିନ୍ନ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। କେବଳ ଟିଆର୍‌ପି ବଢ଼ାଇବା ପାଇଁ ଅନୁଗୋଳ ଗସ୍ତରେ ୫-ଟି ସଚିବ ଆସିଛନ୍ତି। ତେଣୁ ବଜାର ଛକ ଠାରେ ନଗର କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୁଦୀପ ମିଶ୍ରଙ୍କ ନେତୃତ୍ୱରେ ରଞ୍ଜିତ ପ୍ରଧାନ, ସଞ୍ଜୀବ କୁମାର ମାଣ୍ଡୋଠିଆ, ଜିତେନ୍ଦ୍ର ପଣ୍ଡା, ରଶ୍ମିରଞ୍ଜନ ସାହୁ, ଶିବାନୀ ଶଙ୍କର ଗୌଡ଼, ବାପୁଜୀ ପ୍ରଧାନ, ଫାରୁକ୍ ଅହମ୍ମଦ, ଅରୂପ ସାମଲ, ସୌମ୍ୟରଞ୍ଜନ ସାହୁ, ରାକେଶ ରୋଶନ ସାହୁ, କେଶବ ନାଥ, ଦେବୀ ପ୍ରଧାନ, ବିଶ୍ୱଜିତ ବିଶ୍ୱାଳ, ଅମନ କୁମାର ପୃଷ୍ଟି, ରିତେଶ ରଞ୍ଜନ ସାହୁ, ଭବାନୀ ଶଙ୍କର ରାଉତ, ପ୍ରକାଶ ବାରିକ ପ୍ରମୁଖ କୁଶପୁତ୍ତଳିକା ଦାହ କରିଥିଲେ।

## ସ୍ତ୍ରୀଙ୍କୁ ଆକ୍ରମଣ, ସ୍ୱାମୀ ଗିରଫ

ବଇଣ୍ଡା,୨୯।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ପେଡ଼ିପଥର ଗ୍ରାମର ମମତା ଗୋଚ୍ଛାୟତଙ୍କୁ ତାଙ୍କ ସ୍ୱାମୀ ପ୍ରାଣବନ୍ଧୁ ଗୋଚ୍ଛାୟତ ଟାଙ୍ଗିଆରେ ଆକ୍ରମଣ କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୧୨/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରାଣବନ୍ଧୁଙ୍କୁ ଗିରଫ କରିଛି। ପୋଲିସ କହିଛି, ପ୍ରାଣବନ୍ଧୁଙ୍କ ଶାଳକ ମହୁଲନାଳୀ ଗ୍ରାମର ବିଜୁ ଗୋଚ୍ଛାୟତ ସୋମବାର ପେଡ଼ିପଥର ସାପ୍ତାହିକ ହାଟକୁ ପରିବା କିଣିବା ପାଇଁ ଆସିଥିଲେ। ଏହି ସମୟରେ ମମତା ଓ ପ୍ରାଣବନ୍ଧୁଙ୍କ ସହିତ ତାଙ୍କର ଭେଟ ହୋଇଥିଲା। ପରେ ଉଭୟ ସ୍ୱାମୀ, ସ୍ତ୍ରୀ ବିଜୁଙ୍କୁ ତାଙ୍କ ଘରକୁ ଡାକି ନେଇଥିଲେ। ସେଠାରେ ପ୍ରାଣବନ୍ଧୁ ମମତାଙ୍କୁ ଯୌତୁକ ଆଣି ନ ଥିବାରୁ ଗାଳିଗୁଲଜ କରିବା ବେଳେ ବିଜୁ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମାରିବା ସହ ମମତାଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

■ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପ୍ରଶମନ ଦିବସ ପାଳିତ

## ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ

ଅନୁଗୋଳ ଅଫିସ, ୨୯।୧୦



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଜିଲାସ୍ତରୀୟ ଜାତୀୟ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପ୍ରଶମନ ଦିବସ ମଙ୍ଗଳବାର ଅନୁଗୋଳରେ ପାଳିତ ହୋଇଯାଇଛି। ଜିଲା ପରିଷଦ ସମ୍ମିଳନୀ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଯୋଗ ଦେଇଥିଲେ। ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀ ତଥା ଡେପୁଟି କଲେକ୍ଟର ବଇତୁରା ଦୀପ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ମୁଖ୍ୟ ଅତିଥି ଶତପଥୀ ଆଲୋକପାତ କରିଥିଲେ। ସେ କହିଥିଲେ, ବିପର୍ଯ୍ୟୟ ପରିଚାଳନାରେ ଆମ ରାଜ୍ୟ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି। ଅତୀତରେ ଆମେ ହୁଡ୍‌ହୁଡ୍, ଫାଇଲିନ ଓ ତିତ୍‌ଲୀର ଠିକଣା ମୁକାବିଲା କରିପାରିଛୁ। ତେଣୁ ବିପର୍ଯ୍ୟୟ ପୂର୍ବରୁ ସତର୍କତା ଅବଲମ୍ବନ ସହ ପ୍ରଚାର ଓ ପ୍ରସାର କରି ଅନ୍ୟମାନଙ୍କୁ ସଚେତନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଚମ୍ପତିରାୟ କହିଥିଲେ, ସରକାରଙ୍କ ଦ୍ୱାରା ଉପଲବ୍ଧ ବ୍ୟବସ୍ଥାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଆବଶ୍ୟକ। ବିପର୍ଯ୍ୟୟ ପ୍ରଶମନ ବିଭାଗ ଜିଲା ପ୍ରକଳ୍ପ ଅଧିକାରୀ ପ୍ରଦୋଷ କୁମାର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତେବେ ମଞ୍ଚରେ ବସିଥିବା ଅନ୍ୟ ଦୁଇଜଣଙ୍କୁ ନେଇ ଦର୍ଶକମାନଙ୍କ ମଧ୍ୟରେ ନାନା ଆଲୋଚନା ହୋଇଥିଲା। କିନ୍ତୁ ଏ ସମ୍ପର୍କରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀଙ୍କ ନିକଟରେ ତଥ୍ୟ ନାହିଁ। ଏପରି କି ସେ ସମ୍ପୃକ୍ତ ଦୁଇଜଣଙ୍କ ନାମ ଜାଣି ନ ଥିବା କହିଛନ୍ତି। ସକାଳେ ଜିଲାପାଳ ମନୋଜ କୁମାର ମହାନ୍ତି ଜିଲା କାର୍ଯ୍ୟାଳୟ ପରିସରରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ନେଇ ଆୟୋଜିତ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଆସିଷ୍ଟାଣ୍ଟ କଲେକ୍ଟର ପତିତପାବନ ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ଅଗ୍ନିଶମ ଅଧିକାରୀ ସର୍ବେଶ୍ୱର ବରାଳ ଓ ତାଙ୍କ ବିଭାଗର କର୍ମଚାରୀମାନଙ୍କ ଦ୍ୱାରା ଉଚ୍ଚ ଅଟ୍ଟାଳିକା ଉପରେ ଅଗ୍ନି ବିପନ୍ନମାନଙ୍କୁ ଉଦ୍ଧାର କରିବାର କୌଶଳ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ସମ୍ମୁଖରେ ପ୍ରଦର୍ଶିତ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

■ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୨ ଛାତ୍ରୀଛାତ୍ର ଅସୁସ୍ଥ

# ଗୁଣିଆ ଡାକି ଝାଡ଼ିଲେ ଅଭିଭାବକ

ବନ୍ତଲା,୨୯।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଜଗନ୍ନାଥପୁର ପଞ୍ଚାୟତ ଟାକରିଶିଙ୍ଗା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅସୁସ୍ଥ ହୋଇପଡ଼ିଥିବା ୧୨ ଛାତ୍ରୀଛାତ୍ରଙ୍କୁ ଝଡ଼ାଫୁଙ୍କା କରିଛନ୍ତି ଗୁଣିଆ। ଶିକ୍ଷକମାନଙ୍କ ବାରଣ ସତ୍ତ୍ୱେ କେତେଜଣ ଅଭିଭାବକ ଏପରି ଅନ୍ଧବିଶ୍ୱାସର ସାହାରା ନେବା ଚର୍ଚ୍ଚାର ବିଷୟ ହୋଇଛି। ସେହିପରି ପିଲାଙ୍କୁ ମଧ୍ୟାହ୍ନଭୋଜନ ନ ଦେଇ ଫିଙ୍ଗାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟା ୩୦ରେ ଚତୁର୍ଥ, ପଞ୍ଚମ, ଷଷ୍ଠ ଓ ସପ୍ତମ ଶ୍ରେଣୀର ୧୨ ଜଣ ଛାତ୍ରୀଛାତ୍ରଙ୍କ ମୁଣ୍ଡ ବୁଲାଇବା ସହିତ ଗୋଡ଼ ହାତ ଅତ୍ୟଧିକ ଥଣ୍ଡା ହୋଇଯାଇଥିଲା। କେତେଜଣ ପେଟ ଦରଜ ହେଉଥିବା କହି ଅସୁସ୍ଥ ଅନୁଭବ କରିଥିଲେ। ଖବରପାଇ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଭୂତ ଲାଗିଥିବା ସନ୍ଦେହ କରି ଗୁଣିଆ ଡକାଇ ସ୍କୁଲ ପରିସରରେ ଝଡ଼ାଫୁଙ୍କା କରିଥିଲେ। କେତେଜଣ ଅଭିଭାବକ ଛାତ୍ରୀଛାତ୍ରଙ୍କୁ ଘରକୁ ନେଇ ସେଠାରେ ମଧ ଝଡ଼ାଫୁଙ୍କା କରିଥିଲେ। ତେବେ ଶିକ୍ଷକ ପ୍ରକାଶ ଚନ୍ଦ୍ର ଦେହୁରୀ, ଅଭିଭାବକ ମମତା ପ୍ରଧାନ, ସେଚ୍ଛାସେବୀ ଟିଙ୍କିଲି ପ୍ରଧାନ ଓ ବବୁଲ ପ୍ରଧାନ ପ୍ରମୁଖ ଏକ ଅଟୋରେ ପାଞ୍ଚ ଜଣଙ୍କୁ ଜଗନ୍ନାଥପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ବିଶ୍ୱଜିତ ନାଏକ, ଡାକ୍ତର ବିଜୟ ପ୍ରଧାନ ଓ ଫାର୍ମାସିଷ୍ଟ ଅଜିତ କୁମାର ସାହୁ ପ୍ରମୁଖ ସେମାନଙ୍କୁ ଚିକିତ୍ସା କରି ଘରକୁ ପଠାଇ ଦେଇଥିଲେ। ପରେ ଶିକ୍ଷା କମିଟି ଓ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ଭଗବାନ ପ୍ରଧାନ, ଶିକ୍ଷା ପରିଚାଳନା କମିଟି ସଭାପତି ତ୍ରୈଲୋକ୍ୟ ପ୍ରଧାନ, ଉପ ସଭାପତି ବବିତା ନାଏକ, ୱାର୍ଡମେମ୍ବର ମୂଳିଆ ଦେହୁରୀ, ସରପଞ୍ଚ ବିନୋଦ ସାହୁ, ଅନନ୍ତ ପ୍ରଧାନ, ମମତା ସାହୁ, ଲିଲି ସାହୁ, ଚିତା ଦାସଙ୍କ ସହିତ ସମସ୍ତ ଅଭିଭାବକ ଉପସ୍ଥିତ ଥିଲେ। କାଳେ ପିଲାଙ୍କର କିଛି ଅସୁବିଧା ହେବ ସେଥିପାଇଁ ରୋଷେଇ ହୋଇଥିବା ମଧ୍ୟାହ୍ନ ଭୋଜନ ପିଲାଙ୍କୁ ଖାଇବାକୁ ନ ଦେଇ ଫୋପାଡ଼ି ଦେବାକୁ ଗ୍ରାମବାସୀ କହିଥିଲେ।



ଅଭିଭାବକମାନେ ବୈଠକ କରୁଛନ୍ତି।

ଏ ସମ୍ପର୍କରେ ସିଆର୍‌ସିସି ଗୋବର୍ଦ୍ଧନ ନାଏକ କୁହନ୍ତି, ପ୍ରଧାନ ଶିକ୍ଷକ ସୌରିଆ ପ୍ରଧାନ ଏ ନେଇ ଜଣାଇବା ପରେ ବିଇଓ ଏବଂ ଡିପିସିଙ୍କୁ ଅବଗତ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଲୋପମୁଦ୍ରା ପଟ୍ଟନାଏକ କୁହନ୍ତି, ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପାଇଁ ବିଆର୍‌ସିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଘନଶ୍ୟାମ ବେହେରା କୁହନ୍ତି, ବୁଧବାର ଉକ୍ତ ବିଦ୍ୟାଳୟକୁ ଏକ ଡାକ୍ତରୀ ଦଳ ପଠାଇ ଘଟଣା ବିଷୟରେ ବୁଝିବା ସହିତ ଅସୁସ୍ଥ ହୋଇଥିବା ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ବ୍ୟବସ୍ଥା କରାଯିବ।

■୫ ଜଣଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନିଆଗଲା

■ଫିଙ୍ଗାଗଲା ମଧ୍ୟାହ୍ନଭୋଜନ

■ବୁଧବାର ସ୍କୁଲ ଆସିବେ ଡାକ୍ତରୀ ଟିମ୍




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ